ସମ୍ବାଦ

# ଗୁଞ୍ଜନ ଡାନ୍ସ ଏକାଡେମି ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ



କଟକ,୨୯।୪(ଇମିସ): ସୁନାମଧନ୍ୟ ନୃତ୍ୟାନୁଷ୍ଠାନ 'ଗୁଞ୍ଜନ ଡ୍ୟାନ୍ସ ଏକାଡେମି' ପକ୍ଷରୁ ବିଶ୍ୱ ନୃତ୍ୟ ଦିବସ ଅନୁଷ୍ଠାନ ପରିସରରେ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଗାୟତ୍ରୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସାଂସଦ ଦେବାଶିଷ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ କଳାବିକାଶ କେନ୍ଦ୍ର ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ଗୁରୁ ଏ. ମହେଶ୍ୱର ରାଓ ଯୋଗଦେଇ ବିଶ୍ୱ ନୃତ୍ୟ ଦିବସର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଗୁଞ୍ଜନ ଡ୍ୟାନ୍ସ ଏକାଡେମିର ପ୍ରତିଷ୍ଠାତା-ସଂପାଦିକା ଗୁରୁ ମୀରା ଦାସ ନୃତ୍ୟ ଦିବସର ଆଭିମୁଖ୍ୟ ବିଷୟରେ କହିଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଅନୁଷ୍ଠାନର ତରୁଣ ଓ ପ୍ରବୀଣ ଶିଳ୍ପୀମାନେ ଏକକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ନୃତ୍ୟ ପ୍ରତି ଉତ୍ସାହିତ କରିଥିଲେ। ସମାରୋହରେ ଗୁଞ୍ଜନ ନୃତ୍ୟାଙ୍ଗନା ସୁଶ୍ରୀ ବିଦ୍ୟା ବିଶ୍ୱଜିତା ପ୍ରଥମଥର ପାଇଁ ଏକକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସୁଶ୍ରୀ ବିଦ୍ୟା ଓଡିଶୀ ନୃତ୍ୟର ମଙ୍ଗଳାଚରଣରୁ ମୋକ୍ଷ ପର୍ଯ୍ୟନ୍ତ ସମସ୍ତ ନୃତ୍ୟ ଉପସ୍ଥାପନା କରିଥିଲେ। ସେହିପରି ଓଡ଼ିଶୀ ନୃତ୍ୟରେ ଜୀବନବ୍ୟାପି ସାଧନା କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମୂଳଶିଷ୍ୟା ରାଜଶ୍ରୀ ଚିନ୍ତକ ବେହେରା ଏକକ ନୃତ୍ୟ ପରିବେଷଣ କରିଥିଲେ। ଶିଳ୍ପୀ ଶିବାନୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନୃତ୍ୟ ପ୍ରତିଭା ସସ୍ମିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

CUTTACK Edition
Page No.15 April 30, 2024